## ଗାଁରେ ଅଛନ୍ତି ୮୦ ଛାତ୍ରଛାତ୍ରୀ

# ୫ ବର୍ଷ ହେଲା ଜାଙ୍ଗିଡିବାଲସା ପ୍ରାଥମିକ ବିଦ୍ୟାଳୟ ବନ୍ଦ



ବନ୍ଧୁଗାଁ,୧୯।୧(ସମିସ): ବନ୍ଧୁଗାଁ ବ୍ଲକ କାବ୍ରିବାଡି ପଞ୍ଚାୟତ ଜାଙ୍ଗିଡିବାଲାସା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଆଜକୁ ପ୍ରାୟ ୫ ବର୍ଷ ହେଲା ବନ୍ଦ ରହିଛି। ୨୦୨୧ -୨୨ ଶିକ୍ଷା ବର୍ଷରେ ଗାଁ ବିଦ୍ୟାଳୟରେ ୨୦ ଜଣଙ୍କୁ ନେଇ ଦୁଇ ଜଣ ଶିକ୍ଷକ ରହି ପାଠ ପଢା ଚାଲୁ ଥିଲା। ଗାଁରେ ଲୋକଙ୍କର ଶିକ୍ଷା ପ୍ରତି ସଚେତନତାର ଅଭାବର ସୁଯୋଗ ନେଇ ଶିକ୍ଷକ ମାନେ ୧୫୦ ପରିବାର ବସବାସ କରୁଥିବା ଗାଁର ଜାଙ୍ଗିଡିବାଲସା ପ୍ରାଥମିକ ବିଦ୍ୟାଳୟରେ ନାମ ପଞ୍ଜିକରଣ କରାଇ ନ ଥିଲେ। ସେହି ଗାଁର ଦୁଇ ଜଣ ଶିକ୍ଷକ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ଶିକ୍ଷକଙ୍କର ଏହି ଅକାଳ ମୃତ୍ୟୁ ପାଇଁ ବିଦ୍ୟାଳୟକୁ ଅନ୍ୟ ଶିକ୍ଷକ ଯିବା ବନ୍ଦ ହୋଇ ଯାଇଥିଲା। କେବଳ ମଧ୍ୟାହ୍ନ ଭୋଜନ ହିଁ ଚାଲିଥିଲା। ଶିକ୍ଷକ ରୋଗରେ ପୀଡିତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ସ୍କୁଲରେ ଶିକ୍ଷକ ନଥିବାରୁ ପିଲା ଘରେ ରହୁଥିଲେ। ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ସ୍କୁଲ ଘଣ୍ଟି ବାଜିଲେ ପିଲା କିମ୍ବା ଅବିଭାବକ ଆସି ଖାଦ୍ୟ ନେଉ ଥିଲେ। ପରେ ରାଜ୍ୟ ସରକାରଙ୍କ ପିଲା କମ ଥିବା ବିଦ୍ୟାଳୟ ବନ୍ଦ କରିବା ଆଦେଶ ଆସିବା ପରେ ଏହି ବିଦ୍ୟାଳୟ ବନ୍ଦ ହୋଇଥିଲା। ବର୍ତ୍ତମାନ ଗାଁରୁ ୪୦ ଜଣ ଛାତ୍ରଛାତ୍ରୀ ୩ କିମି ଦୂରରେ ଥିବା କାବ୍ରିବାଡି ପଞ୍ଚାୟତ ସଦର ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଉଛନ୍ତି। ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣିରେ ବ୍ଲକର ଜାଙ୍ଗିଡିବାଲସା ଗ୍ରାମରେ ଡ୍ରପ ଆଉଟ୍ ପିଲା ସର୍ବାଧିକ ରହିଥିବାରୁ ଗଣମାଧ୍ୟମ ତରଫରୁ ଏତେ ବଡ ଗାଁ ରେ କେଉଁ କାରଣରୁ ସ୍କୁଲ ବନ୍ଦ ହେଲା ବୋଲି ପ୍ରଶ୍ନ ହେବାରୁ ସିଆରସିସି ରମାକାନ୍ତ ମଲ୍ଲିକ ବିଇଓଙ୍କୁ ଅବଗତ କରିବି ଓ ଆଉ ଥରେ ଗାଁକୁ ଯାଇ ତଥ୍ୟ ସଂଗ୍ରହ କରି ଜଣାଇବେ ବୋଲି କହିଥିଲେ। ବିଡିଓ ମିନତୀ ଜଗଦେବ ଜାଣିବା ପରେ ସ୍କୁଲ ଖୋଲିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପାଇଁ ପରାମର୍ଶ ଦେଇଥିଲେ। ସିଆରସିସି ଓ ପାଖ ସ୍କୁଲ ଶିକ୍ଷକ ମିଳିତ ଭାବେ ଗାଁରୁ ପାଠପଢା ପିଲା କେତେ ଜଣ ଅଛନ୍ତି ଆଧାର କାର୍ଡ ସଂଗ୍ରହ କରିବା ପରେ ଆଜି ସେହି ଗ୍ରାମରେ ୮୦ରୁ ଉର୍ଦ୍ଧ ପାଠ ପଢିବା ବୟସ ପିଲା ରହି ଛନ୍ତି, ତହିଁ ମଧ୍ୟରୁ ୬ ରୁ ୧୪ ବର୍ଷର ପ୍ରାୟ ୫୪ ଜଣ ଅଛନ୍ତି। ପୁଣି ସେହି ୫ ବର୍ଷ ସ୍କୁଲ ବନ୍ଦ ହେବାରୁ ବର୍ତ୍ତମାନ ୧୫ ରୁ ୧୭ ବର୍ଷର ପ୍ରାୟ ୨୬ ରୁ ଉର୍ଦ୍ଧ ପିଲା ଡ୍ରପ ଆଉଟ୍ ହୋଇ ନିଜ ଘରୋଇ କାମରେ ନିୟୋଜିତ ହୋଇଛନ୍ତି। ଚଳିତ ଶିକ୍ଷା ବର୍ଷରେ ସରକାରଙ୍କ ତରଫରୁ ଗାଁରେ ସ୍କୁଲ ଯିବା ବୟସର ପିଲା ଥିଲେ ଜଣେ ମଧ୍ୟ ଡ୍ରପ ଆଉଟ୍ ରହିବେ ନାହିଁ, ପାଖ ସ୍କୁଲ ଶିକ୍ଷକ ମାନେ ସର୍ଭେ କରି ନାମ ଲେଖାଇବାକୁ ବାଧ୍ୟ । ଆଜି ତାହା ଜାଣିବା ପରେ ଜାଙ୍ଗିଡିବାଲସା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିବାକୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଭୁଲ ତଥ୍ୟ ପ୍ରଦାନ କରିଥିବା କୁହାଯାଉଛି। ଏହି ସ୍କୁଲକୁ ତୁରନ୍ତ ଖୋଲିବାକୁ ୱାର୍ଡ ମେମ୍ବର ବିଶ୍ୱନାଥ କଣ୍ଡାଗରି,ତାମେୟା ପୂଆଲା, ଆଚାନା ପୂଆଲା, ନାହୁ ପୂଆଲା ଓ ପେଣ୍ଟା କଣ୍ଡାଗରି ପ୍ରମୁଖ ଅନୁରୋଧ କରିଛନ୍ତି।

### ପାଠ ପଢିବା ପାଇଁ ୩ କିମି ଚାଲୁଛନ୍ତି ୪୦ ଛାତ୍ରଛାତ୍ରୀ

## ମାଘ ମଣ୍ଡେଇ ପାଳନ ପାଇଁ ପ୍ରସ୍ତୁତି ବୈଠକ



ନବରଙ୍ଗପୁର/ବେହେଡ଼ା,୧୯।୧(ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକର ଅନ୍ତର୍ଗତ ଉମରଗାଁ ମା'ଭଣ୍ଡାରୁଣୀ ମନ୍ଦିର ପରିସରରେ ଚଳିତ ୨୦୨୬ ମାଘ ମଣ୍ଡେଇ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ବୈଠକରେ ଚଳିତ ମାଘ ମଣ୍ଡେଇ ପାଳନ ବିଷୟରେ ଆଲୋଚନା ହୋଇଛି। ସମସ୍ତ ଆଲୋଚନା ପରେ ସର୍ବ କ୍ରମେ ଚଳିତ ମାସ ୨୩ ଶୁକ୍ରବାର ଦିନ ମାଘ ମାଘ ମଣ୍ଡେଇ ପାଳନ ନେଇ ନିଷ୍ପତି ହୋଇଥିଲା। ଏହି ବୈଠକରେ ମନ୍ଦିର କମିଟି ସଭାପତି ଲାଇବନ ଭକ୍ତଙ୍କ ସମେତ ବଳଚନ୍ଦ ଭତ୍ରା, ପିତୁ ପୂଜାରୀ, ଲକ୍ଷ୍ମଣ ପୂଜାରୀ, ବିନୁ ଭତ୍ରା, ଧମ ଭତ୍ରା, ଦଶା, ଯୁଗଲ,ଖେମ, ତୁଲେଶ, ଅସମାନ ସୁରେନ୍ଦ୍ର, ଶ୍ରୀଧର, ଡମୁ, ଯଦୁ, ସୁଦର ଓ ସନ୍ତୁ ଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକ ଉତ୍ସବ



ଡାବୁଗାଁ,୧୯।୧(ସମିସ):ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ରାଷ୍ଟ୍ରୀଗୀତ 'ବନ୍ଦେ ମାତରମ୍'ର ୧୫୦ ତମ ବାର୍ଷିକ ଉତ୍ସବ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ରାଷ୍ଟ୍ର ଗୀତ, ରାଷ୍ଟ୍ର ଭକ୍ତି ଉପରେ ଉଦବୋଧନ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗୀତା ଯଥା ପ୍ରବନ୍ଧ ଉପ କନିଷ୍ଠ ବିଭାଗରେ ଅବନ୍ତିକା ସ୍ୱାଇଁ ପ୍ରଥମ, ସେବିକା ଭତ୍ରା ଦ୍ୱିତୀୟ ଓ ବସନ୍ତ ଶବର ତୃତୀୟ, କନିଷ୍ଠ ବିଭାଗରେ ସାଇ ସତିଶ ବକ୍ସି ପ୍ରଥମ, ସଙ୍ଗିତା ପନକା ଦ୍ୱିତୀୟ ଓ ବନିତା ହରିଜନ ତୃତୀୟ , ବରିଷ୍ଠ ବିଭାଗରେ ଏସ. ହାରିକା ପ୍ରଥମ, ରଞ୍ଜନ ସାନ୍ତା ଦ୍ୱିତୀୟ ଓ ରଘୁ ସାନ୍ତା ତୃତୀୟ, ଏବଂ ବକ୍ତୃତାରେ ଉପ କନିଷ୍ଠ ବିଭାଗରେ ପ୍ରିନ୍ସ ରଞ୍ଜନ ସାହୁ ପ୍ରଥମ, ଦେବାନନ୍ଦ ମାଝି ଦ୍ୱିତୀୟ ଓ ଟୁନା ପନକା ତୃତୀୟ, କନିଷ୍ଠ ବିଭାଗରେ ସାଇନାଥ ପଣ୍ଡା ପ୍ରଥମ, ମଧୁସ୍ମିତା ବଇପାରି ଦ୍ୱିତୀୟ ଓ କବିତା ମେହେର ତୃତୀୟ , ବରିଷ୍ଠ ବିଭାଗରେ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରଥମ, ପାର୍ବତୀ ଭତ୍ରା ଦ୍ୱିତୀୟ ଓ ମିନାକ୍ଷୀ ପନକା ତୃତୀୟ , ସଙ୍ଗୀତ ରେ ଉପ କନିଷ୍ଠ ବିଭାଗରେ ଜାଗୃତି ପଟ୍ଟନାୟକ ପ୍ରଥମ, ପ୍ରସନ୍ନ ଗୌଡ ଦ୍ୱିତୀୟ ଓ ଶିବାନୀ ସାନ୍ତା ତୃତୀୟ, କନିଷ୍ଠ ବିଭାଗରେ ମୀରା ବିଶୋଇ ପ୍ରଥମ, ଗୀତାଞ୍ଜଳୀ ହରିଜନ ଦ୍ୱିତୀୟ ଓ ମଦନା ପୂଜାରୀ ତୃତୀୟ, ବରିଷ୍ଠ ବିଭାଗରେ ପଙ୍କଜ ମାଝି ପ୍ରଥମ, କରିମ ପନକା ଦ୍ୱିତୀୟ ଓ ଅର୍ଚ୍ଚିତା ଖିଲୋ ତୃତୀୟ, ଏବଂ ଚିତ୍ରାଙ୍କନରେ ଉପ କନିଷ୍ଠ ବିଭାଗରେ ତପସ୍?ନୀ ପଣ୍ଡା ପ୍ରଥମ, ଗଜେନ୍ଦ୍ର ଭତ୍ରା ଦ୍ୱିତୀୟ ଓ ରୀତିକା ଗୌଡ ତୃତୀୟ, କନିଷ୍ଠ ବିଭାଗରେ ଅନ୍ତରାମ ମେହେର ପ୍ରଥମ , ଥବୀର ହାଲବା ଦ୍ୱିତୀୟ ଓ ସାଗରିକା ମହାରଣା ତୃତୀୟ, ବରିଷ୍ଠ ବିଭାଗରେ ମହେନ୍ଦ୍ର ସାନ୍ତା ପ୍ରଥମ , ଟୁନା ସାନ୍ତା ଦ୍ୱିତୀୟ ଓ ଶ୍ରବଣ ମାଝି (୩ୟ) ପ୍ରମୁଖଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଅନ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଭାଜପା ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ବୋରୀଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ବିଡିଓ ସମୀର କୁମାର ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝି, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ। ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



କଲ୍ୟାଣସିଂହପୁର,୧୯।୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ, ସିଡିଏମ୍ଓ ଡକ୍ଟର ଭି. ସରୋଜିନୀ ଦେବୀ ମଞ୍ଚାସୀନ ରହିଥିଲେ। ଏଥିରେ ମୋଟ ୬୩ଟି ଅଭିଯୋଗ ଶୁଣାଣି ହୋଇଥିଲା। ସେଥିରୁ ମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ହୋଇଥିବା ବେଳେ ୩୧ଟି ଗୋଷ୍ଠୀ ଭିତ୍ତିକ ରହିଥିଲା। ବିକଳାଙ୍ଗ କେ. ମିନାରାଓଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଛି। ପାନୀୟ ଜଳ, ରାସ୍ତା, ବିଦ୍ୟୁତ୍, କାତାଗୁଡା ବିଦ୍ୟାଳୟର ଜାଗା ଚିହ୍ନଟ ଓ ଗୃହ, ପାର୍ଶଲି ପଞ୍ଚାୟତର ୧୭ଟି ଗ୍ରାମକୁ ବିଦ୍ୟୁତ୍ ସୁବିଧା ନାହିଁ । ଲାଖପଦର, ପଟାଙ୍ଗ ପଦର, ଡ଼ଙ୍ଗାମାଟି, ଗୁମ୍ପା, ଲମ୍ବା ପାଞ୍ଚଟି ଗ୍ରାମକୁ ବିଦ୍ୟାଳୟ ବ୍ୟବସ୍ଥା ନେଇ ଅଭିଯୋଗ ହୋଇଥିଲା। ସଦର ପଞ୍ଚାୟତର ଏଥିରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ବିଡିଓ ମନୀଷା ଦାସ, ତହସିଲଦାର ମାନସ ରଞ୍ଜନ ମାନସେଠ, ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଓ ବ୍ଲକ, ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପିତାମାତାଙ୍କ ସହ ସୂରଜଙ୍କୁ ପ୍ରେସ କ୍ଲବ୍‌ର ସମ୍ବର୍ଦ୍ଧନା



ନନ୍ଦପୁର,୧୯।୧ (ସମିସ): ୧୭ ବର୍ଷରୁ କମ ବର୍ଗର କବାଡି (ପୁରୁଷ) ପ୍ରତିଯୋଗିତା ଚଳିତ ୭ ଜାନୁଆରୀ ୨୦୨୬ ରୁ ୧୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ତେଲେଙ୍ଗାନା ରାଜ୍ୟର ଏଡୁଲ୍ଲା ବୟାରାମ ଠାରେ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଓଡ଼ିଶା ଦଳ ପକ୍ଷରୁ ଖେଳି କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ନନ୍ଦପୁର ବ୍ଲକ ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର ସୁରଜ ପଣ୍ଡିଇ। ନନ୍ଦପୁର ସୀମାନ୍ତ ଚାଟୁଆ ଗ୍ରାମର ଏହି ଯୁବକ ଓ ତାଙ୍କ ପିତାମାତାଙ୍କୁ ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ର ଅବସରରେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା, ଆଇଆଇସି ମମତା କୁମାରୀ ପଣ୍ଡା, ଯୁବନେତା ବିଜେପି ଜିଲ୍ଲା ସମ୍ପାଦକ ଚୈତନ୍ୟ ହନ୍ତାଳ, ଯୁବ ନେତା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁ ମାଇ, ଜିଲ୍ଲା ସମିତି ସଭ୍ୟ ସଂଘ ସଭାପତି ଜଗନ୍ନାଥ ହନ୍ତାଳ ପ୍ରମୁଖ ଯୋଗ ଦେଇ ପ୍ରତିଭା ବାନ ସୁରଜ ଓ ତାଙ୍କ ପିତା ମାତାଙ୍କୁ ସମ୍ବର୍ଦ୍ଧିତ କରି ସୁରଜ ଆମ ନନ୍ଦପୁର ବ୍ଲକ୍‌ର ଗୌରବ ବୋଲି କହିବା ସହ ଯୁବ ଗୋଷ୍ଠୀଙ୍କ ପାଇଁ ପ୍ରେରଣା ହେବେ ବୋଲି କହିଥିଲେ।

■ ସଫଳ ଉଦ୍ୟୋଗୀ ଅମିତ

## ସ୍ୱାବଲମ୍ବୀ ହୋଇ ୧୦ ଜଣଙ୍କୁ ଦେଇଛନ୍ତି ରୋଜଗାର



ଉମରକୋଟ,୧୯।୧ (ସମିସ): ବଡ଼ ସହରରେ ଭଲ କମ୍ପାନୀରେ ଚାକିରି କରିଥିଲେ ଉଚ୍ଚ ଶିକ୍ଷିତ ଅମିତ କୁମାର ମଜୁମଦାର। କିନ୍ତୁ କିଛି ନୂଆ କରିବା ସକାଶେ ଆରମ୍ଭ କଲେ ନିଜ ଉଦ୍ୟୋଗ। ଘର ତିଆରି କରିବା ସମୟରେ ଝରକା କବାଟର ଆବଶ୍ୟକ ପଡେ। କାଠ ତିଆରି ଜିନିଷ ଏବେ ଅଧିକ ମହାଙ୍ଗା। ତେଣୁ ଫାଇବର ତିଆରି ଝରକା କବାଟର ଚାହିଦା ରହିଛି । ଏହି ଅଞ୍ଚଳର ଲୋକେ ନିଜର ଆବଶ୍ୟକତା ପାଇଁ ସହରକୁ ଯାଇ ଖର୍ଚ୍ଚାନ୍ତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଅମିତ ଏକ ଉଦ୍ୟୋଗ କରିବାକୁ ନିଷ୍ପତି ନେଇଥିଲେ। ଏଥିରେ ସଫଳ ମଧ୍ୟ ହୋଇଛନ୍ତି। ବର୍ତ୍ତମାନ ସ୍ଥାନୀୟ ଦଶ ଜଣ ଯୁବକଙ୍କୁ ସେ ନିଯୁକ୍ତି ଦେବା ସହ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ ମଧ୍ୟ କରୁଛନ୍ତି । ଏବେ ସେ ଶିକ୍ଷିତ ବେକାରଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଅମିତ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଉପାନ୍ତ ସିଲାଟି ଗ୍ରାମର ବାସିନ୍ଦା। ମେକାନିକାଲ ଇଞ୍ଜିନିୟରରେ ଡିଗ୍ରୀ ପାଠ ପଢିବା ପରେ ରାୟପୁର, ବିଶାଖପାଟଣା, ହାଇଦ୍ରାବାଦ ଭଳି ସହରରେ ସେ ବିଭିନ୍ନ ବେସରକାରୀ କମ୍ପାନୀରେ ଚାକିରି କରୁଥିଲେ ଏବଂ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ । କିନ୍ତୁ ଅମିତଙ୍କୁ ଏହି ବେସରକାରୀ ଚାକିରି କରିବା ପସନ୍ଦ ହେଲାନି, ନିଜେ କିଛି କରିବା ପାଇଁ ଅଣ୍ଟା ଭିଡିଥିଲେ। ମାତ୍ର ସାଢେ ୩ ବର୍ଷରେ ସେ ସଫଳ ହୋଇଥିଲେ।

## ଜନଶୁଣାଣି ଶିବିର; ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଶିବିର ପରିଦର୍ଶନ



ନବରଙ୍ଗପୁର,୧୯।୧(ସମିସ):ସୋମବାର ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପାଳିକା ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ବିଶ୍ୱଜିତ ବର୍ମନ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଭିଯୋଗ ଶୁଣାଣି ଶିବିର ପରିଦର୍ଶନ ପୂର୍ବକ ଦିବ୍ୟାଙ୍ଗ ମାନଙ୍କୁ ଉତ୍ସାହିତ କରିବା ସହ ୫ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ। କୃତ୍ରିମ ଅଙ୍ଗ ମାପ ପାଇଁ ଅପେକ୍ଷାରତ ଦିବ୍ୟାଙ୍ଗ ମାନଙ୍କ ସହ ସମୟ ଅତିବାହିତ କରିଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବିଡିଓ ମନୋଜ କୁମାର ମେହେରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୯ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୫ଟି ହୁଇଲ ଚେୟାର, ୯ ଜଣ ଅଙ୍ଗହୀନ ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମଞ୍ଜୁରୀ କରାଯାଇଥିଲା। ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୨୬ ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ଚନ୍ଦାହାଣ୍ଡି,୧୯।୧(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ପୂଜାରିଗୁଡ଼ା ଉଚ୍ଚ ବିଦ୍ୟାଳୟ ଠାରେ କେନ୍ଦ୍ରୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ଚନ୍ଦାହାଣ୍ଡି ବ୍ଲକରେ ପ୍ରଥମ କରି ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁଧର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପିଏମ୍‌ଶ୍ରୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ପ୍ରତିନିଧି ବରିଷ୍ଠ ଓକିଲ ସରୋଜ ଅଗସ୍ତି ଯୋଗଦେଥିବା ବେଳେ ମୁଖ୍ୟ ବକ୍ତା ଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କ ପ୍ରତିନିଧି ଭାବେ ଗୋବିନ୍ଦ ଜୈନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ପାନାବେଡା ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ନଳିନୀ ଦାସ, ଏପିପି ହୀରାଧର ମାଳି, ଏସଏମସି ସଭାପତି କିଶୋର ମାଝୀ, ଭୋଦେବ ବାଗ, ହେମନ୍ତ ସାହୁ ଭୀମ ସାହୁଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଭ୍ୟ ସଭ୍ୟା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଏବଂ ଅନେକ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ ଖମାରୀ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଅପରାହ୍ନରେ କ୍ରୀଡା ଓ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମାଘ ମଣ୍ଡେଇ ପାଇଁ ପ୍ରସ୍ତୁତି ବୈଠକ



ବେହେଡ଼ା, ୧୯।୧ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ଉମରଗାଁ ମା' ଭଣ୍ଡାରୁଣୀ ମନ୍ଦିରଠାରେ କମିଟିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ମାଘ ମଣ୍ଡେଇକିପରିସୁରୁଖୁରୁରେହେବସେ ବିଷୟରେଆଲୋଚନାହୋଇଛି।ସର୍ବସମ୍ମତିକ୍ରମେଚଳିତମାସ୨୩ତାରିଖରେମାଘମଣ୍ଡେଇହେବ। ସଭାପତି ଲାଇବନ ଭକ୍ତ, ବଳଚନ୍ଦ ଭତ୍ରା, ପିତୁ ପୂଜାରୀ, ଲକ୍ଷ୍ମଣ ପୂଜାରୀ, ବିନୁ ଭତ୍ରା, ଧମ ଭତ୍ରା, ଦଶା, ଯୁଗଲ,ଖେମ, ତୁଲେଶ, ଅସମାନ ସୁରେନ୍ଦ୍ର, ଶ୍ରୀଧର, ଡମୁ, ଯଦୁ, ସୁଦର, ସନ୍ତୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ ମଡର୍ଣ୍ଣ ସ୍କୁଲର ବାର୍ଷିକ ଉତ୍ସବ



ନବରଙ୍ଗପୁର/ରାଇଘର,୧୯।୧(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ମର୍ଡର୍ଣ୍ଣ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ମୁଖ୍ୟ ବକ୍ତା ଭାବେ ରାଇଘର ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ପରୀକ୍ଷିତ ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ଦେ, ସୋନା ମାଝୀ, ସରଗୁଳି ସ୍କୁଲର ପ୍ରଧାନ ଶିକ୍ଷକ ସୁଜନ ଚନ୍ଦ୍ର ଭୌମିକ, ଅଭିରାମ ଲେଙ୍କା ଓ ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ସାହୁ ତଥା ସ୍କୁଲ କମିଟିର ସଭାପତି ଚିତ୍ତରଞ୍ଜନ ଗଣ୍ଡ, ସଂପାଦକ ଗଗନ ବିହାରୀ ବାହାନପତି, ଉପ ସଭାପତି ରାଇଶିଂ ଗଣ୍ଡ, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ତଥା ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ଜଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବରେ ସ୍କୁଲର ଅଧ୍ୟକ୍ଷା ଆରୋଷିକା ବାହନପତି ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କ ପୁରସ୍କାର ଦିଆଯାଇଥିଲା। ଏହି ଅବସରରେ ସ୍କୁଲର ଶିକ୍ଷକ ,ଶିକ୍ଷୟିତ୍ରୀ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ।

## ୨୩ରେ ଆଇନଜୀବୀ ସଂଘ ଭବନ ଓ ଟ୍ରାଞ୍ଜିଟ୍ ହାଉସ୍ ଉଦ୍‌ଘାଟନ



ଜୟପୁର, ୧୯ ।୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନଜୀବୀ ସଂଘର ଭବନ ଏବଂ ଟ୍ରାଞ୍ଜିଟ୍ (ଗେଷ୍ଟହାଉସ) ଭବନ ଆସନ୍ତା ୨୩ ତାରିଖରେ ଉଦ୍‌ଘାଟନ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଯୋଗଦେଇ ଦୁଇଭବନର ଉଦ୍‌ଘାଟନ କରିବେ। ଏହି ଅବସରରେ ହାଇକୋର୍ଟର ଜଷ୍ଟିସ ତଥା କୋରାପୁଟ ଜିଲ୍ଲା ପ୍ରଶାସନିକ ଦାୟିତ୍ୱରେ ରହିଥିବା ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଦିବସରେ ଜଷ୍ଟିସ ଭୁବନେଶ୍ୱର ବିମାନ ବନ୍ଦରରୁ ବିମାନ ଯୋଗେ ଜୟପୁର ଠାରେ ପହଞ୍ଚି ସ୍ଥାନୀୟ ଫୁଲବାଡସ୍ଥିତ ଏମ୍‌ଏସ.ସ୍ୱାମୀନାଥନ ଗବେଷଣା କେନ୍ଦ୍ରର ଗେଷ୍ଟ ହାଉସରେ କିଛି ସମୟ ପାଇଁ ବିଶ୍ରାମ ପରେ ଜୟପୁର ଜିଲ୍ଲା କୋର୍ଟରେ ପହଞ୍ଚି ପ୍ରଥମେ ୫ କୋଟି ଟଙ୍କାରେ ନିର୍ମିତ ୩ ମହଲା ଆଇନଜୀବୀ ସଂଘ ଭବନ ଉଦ୍‌ଘାଟନ କରିବେ। ସେହିପରି ଉକ୍ତ ଜିଲ୍ଲା କୋର୍ଟ ପରିସରରେ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଟ୍ରାଞ୍ଜିଟ (ଗେଷ୍ଟ ହାଉସ )ଭବନ ଉଦ୍‌ଘାଟନ କରିବେ। ଆଧୁନିକ ବ୍ୟବସ୍ଥା ରହିଥିବା ଜିଲ୍ଲା ଆଇନଜୀବୀ ସଂଘ ଭବନ ଡାକଘର, ବ୍ୟାଙ୍କ, ଏଟିଏମ୍, ନୋଟାରୀ ହଲ, ଜେରକ୍ସ ଏବଂ ଅନ୍‌ଲାଇନ ନିମନ୍ତେ ଜନସେବା କେନ୍ଦ୍ର ରହିବ। ସେହିପରି ଟ୍ରାଞ୍ଜିଟ ଭବନରେ ୪ଟି ଅତ୍ୟାଧୁନିକ ସୁଟ ବ୍ୟବସ୍ଥା କରାଯାଇଥିବା ବେଳେ ଡାଇନିଂ ହଲ, ସମ୍ମିଳନୀ କକ୍ଷ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ମୁଖ୍ୟ ବିଚାରପତି ଶ୍ରୀ ଟଣ୍ଡନ କୋରାପୁଟ ଜିଲ୍ଲା ଅବସରରେ ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ମନ୍ଦିର, ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ, ଡୁଡମା ଜଳପ୍ରପାତ, ହାଲ୍ ଓ ନାଲ୍‌କୋ କାରାଖାନା ଏବଂ ଦେଓମାଳୀ ପରିଦର୍ଶନର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନ ପୂର୍ବରୁ ଉଭୟ ଭବନର ବଳକା ରହିଥିବା ନିର୍ମାଣ ଏବଂ ପରିସରର ଭିତର ଓ ବାହାରର ନିର୍ମାଣକାରୀ ସଂସ୍ଥା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ବ୍ୟାପକ ସଫେଇ ଓ ନିର୍ମାଣ କାର୍ଯ୍ୟ ଜୋରଦାର କରାଯାଇଛି। ଏହିପରି ଜିଲ୍ଲା କୋର୍ଟ ଏବଂ ଜିଲ୍ଲା ଆଇନଜୀବୀ ସଂଘ ପକ୍ଷରୁ ମଧ୍ୟ ଜଷ୍ଟିସଙ୍କୁ ସ୍ୱାଗତ କରିବା ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ନେଇ ଆଇନଜୀବୀ ସଂଘର ସଭାପତି ସରୋଜ କୁମାର ଦାଶ ପ୍ରକାଶ କରିଛନ୍ତି।

# ୨୦୦ ପିଲାଙ୍କ ପାଇଁ ଦଶମ ବୋର୍ଡ ପରୀକ୍ଷା ପ୍ରସ୍ତୁତି



ମାଲକାନଗିରି, ୧୯ ।୧(ସମିସ): ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଦଶମ ବୋର୍ଡ ୨୦୨୬ ପରୀକ୍ଷାରେ ଭଲ ଫଳାଫଳ ଆଣିବା ନିମନ୍ତେ ଚାଲିଥିବା ପ୍ରାଇଡ ଅଫ୍ ମାଲ୍ୟାବନ୍ତ ଆବାସିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜାନୁଆରୀ ମାସ ୧୯ରୁ ୨୪ ମଧ୍ୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଆଜି ୪ ଟି କେନ୍ଦ୍ରରେ ଜିଲ୍ଲାରୁ ୨୦୦ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମାଲକାଗିରି ବ୍ଲକର ୭୦ ଜଣ ପିଲାଙ୍କ ପାଇଁ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି ୭ରେ ସପ୍ତାହ ବ୍ୟାପୀ ରହିବା ଖାଇବା ଓ ପଢ଼ିବା ପାଇଁ ବ୍ୟବସ୍ଥା ହୋଇଛି। ଯେଉଁଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତା ସୋଏ, ପ୍ରଧାନ ଶିକ୍ଷକଇ ଈଶ୍ୱର ରାଓ ଯୋଗ ଦେଇ ପିଲାଙ୍କୁ ଉଦ୍ଦେଶ୍ୟ ଓ ପ୍ରସ୍ତୁତି ବୁଝେଇଥିଲା ବେଳେ କାଳିମେଳା ଉଚ୍ଚ ବିଦ୍ୟାଳୟରେ ୫୦ ବିଦ୍ୟାର୍ଥୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ଆରମ୍ଭ ହୋଇଛି। ସେହିପରି ଅନ୍ୟ ବ୍ଲକ ପାଇଁ ପିଏମ୍ ଶ୍ରୀ ବାଲିମେଳା ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟ ଖଇରପୁଟରେ ୮୦ ଜଣ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ସପ୍ତାହେ ବ୍ୟାପି ବିଷୟ ବିଶେଷଜ୍ଞ ସମ୍ପୂର୍ଣ୍ଣ ପାଠ୍ୟ ପୁସ୍ତକକୁ ନେଇ ପିଲାଙ୍କ ମଧ୍ୟରେ ଅଭ୍ୟାସ ପତ୍ର କରେଇବେ। ପିଲାଙ୍କ ମନରେ ଯାହା ବି ଦ୍ୱନ୍ଦ୍ୱ ଅଛି ତାକୁ ସମାଧାନ କରେଇ ତାଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରେଇବେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକ୍ଷକଙ୍କ ସହ ୮୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଭଲ ପରୀକ୍ଷା ଫଳ ପାଇଁ ପ୍ରସ୍ତୁତି କରାଇବେ ବୋଲି ଜଣାପଡ଼ିଛି।

### ● ସରକାରୀ ବସ୍ ଚଳାଚଳ କରୁନି

# ସ୍କୁଲ୍‌କୁ ପହଞ୍ଚିବାରେ ଛାତ୍ରଛାତ୍ରୀ ହଟହଟା, ବିଡିଓଙ୍କ ଦ୍ୱାରସ୍ଥ



କାଳିମେଳା,୧୯।୧(ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଉରୁବେଲି ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ବସ୍ ଯାତାୟତ ସୁବିଧା ନଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ୩୨୬ ନମ୍ବର ଜାତୀୟ ରାଜପଥରୁ ପ୍ରାୟ ୩ ରୁ ୪ କିମି ଦୂରରେ ଅବସ୍ଥିତ ଥିବାରୁ ଦୈନିକ ଯାତାୟତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଉଠିଛି। ସୂଚନା ଅନୁଯାୟୀ, ମାଲକାନଗିରିକୁ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ସହ ଯୋଡୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ପୁଷୁଗୁଡ଼ା ଗ୍ରାମଛକରୁ ସ୍କୁଲ ପର୍ଯ୍ୟନ୍ତ ପ୍ରାୟ ୪ ରୁ ୫ କିମି ଦୂର ଯାତ୍ରା କରିବାକୁ ପଡୁଛି। ଏହି ରାସ୍ତାରେ କୌଣସି ଚାରିଚକିଆ ଯାନ ଚଳାଚଳ କରୁନଥିବାରୁ ଲୋକେ କେବଳ ମୋଟରସାଇକେଲ କିମ୍ବା ପାଦରେ ଚାଲି ଯାତାୟତ କରୁଛନ୍ତି। ସ୍କୁଲରେ ପଢୁଥିବା ୨୮୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୧୫୦ ଜଣ ଆଖପାଖ ଗ୍ରାମରୁ ପ୍ରତିଦିନ ପାଦେ ଚାଲି ଚାଲି ସ୍କୁଲକୁ ଆସୁଥିବା ବେଳେ ଅନ୍ୟ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ବସ୍ କିମ୍ବା ଅଟୋ ଯୋଗେ ପୁଷୁଗୁଡ଼ା ଛକ ପର୍ଯ୍ୟନ୍ତ ଆସି ସେଠାରୁ ପୁଣି ପାଦେ ଚାଲି ସ୍କୁଲକୁ ଯାଉଛନ୍ତି। ଏଭଳି ପରିସ୍ଥିତିରେ ଦୈନିକ ୪ କିମିରୁ ଅଧିକ ଦୂର ଚାଲିବା ପରେ ସ୍କୁଲ ପହଞ୍ଚିବାରୁ ପାଠପଢ଼ାରେ ମନଯୋଗ ଦେବା କଷ୍ଟକର ହୋଇପଡୁଥିବା ବେଳେ ବିଭିନ୍ନ ସମୟରେ ଛାତ୍ର ଛାତ୍ରୀଙ୍କ ଦେହ ଅବସ୍ଥା ବିଗିଡ଼ି ଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ସରକାରଙ୍କ ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ କାଳିମେଳାରୁ ପୁଷୁଗୁଡ଼ା ହୋଇ ମୋଟୁ ଯାଉଥିବା ଗୋଟିଏ ବସ୍ ଚଳାଚଳ କରୁଛି। ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ଏହି ବସ୍ ଯୋଗେ ପୁଷୁଗୁଡ଼ା ଛକ ପର୍ଯ୍ୟନ୍ତ ଆସୁଥିବା ବେଳେ ବସ୍‌ଟି ଯଦି ମୁଖ୍ୟ ରାସ୍ତାରୁ ସ୍କୁଲ ପର୍ଯ୍ୟନ୍ତ ଅତିରିକ୍ତ ଭାବେ ଯାତାୟତ କରେ, ତେବେ ଛାତ୍ରଛାତ୍ରୀଙ୍କ ସହିତ ସ୍ଥାନୀୟ ଗ୍ରାମବାସୀମାନେ ମଧ୍ୟ ଉପକୃତ ହେବେ ବୋଲି ମତ ପ୍ରକାଶ ପାଉଛି। ଏହି ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ମିଳିନଥିବା ବେଳେ ଏ ସମ୍ପର୍କରେ ସୋମବାର ଦିନ ସ୍କୁଲ ଛାତ୍ରଛାତ୍ରୀ କାଳିମେଳା ବିଡିଓ ପ୍ରଦୀପ କୁମାର କରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ କରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବସ୍ ସେବାର ରୁଟ୍ ଏହି ରାସ୍ତା ଦେଇ ନଥିବାରୁ ବସ୍ ଚଳାଚଳ କରୁନାହିଁ। ତଥାପି ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉଚ୍ଚାଧିକାରୀଙ୍କ ସହ ଆଲୋଚନା କରି ବସ୍ ଚଳାଚଳ ବ୍ୟବସ୍ଥା କରାଯିବ ବୋଲି ସେ ଆଶ୍ୱାସନ ଦେଇଛନ୍ତି।

### ● ଆଧାର କାର୍ଡ ଅପଡେଟ୍ ହୋଇପାରୁନି

# ଦିବ୍ୟାଙ୍ଗଙ୍କୁ ମିଳୁନି ସରକାରୀ ସହାୟତା



ମାଲକାନଗିରି,୧୯।୧(ସମିସ): ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ପାଇଁ ବହୁ ଯୋଜନା କରିଥିବା କହୁଥିବା ବେଳେ ବାସ୍ତବ କ୍ଷେତ୍ରରେ କିନ୍ତୁ ଏହାର ସଫଳ ରୂପାୟନ ହୋଇ ପାରୁନଥିବା ଜଣାପଡ଼ିଛି। ମାଲକାନଗିରି ସଦର ମହକୁମା ସ୍ଥିତ ବନ୍ଧଗୁଡା ଗ୍ରାମର ନାରାୟଣ ଖେମୁଡୁଙ୍କ ନାବାଳିକା କନ୍ୟା କ୍ଷମୀ ଖେମୁଡୁ (୧୩) ଜନ୍ମରୁ ପୋଲିଓ ରୋଗରେ ଆକ୍ରାନ୍ତ ହୋଇ ଦୁଇଗୋଡ ଓ ଦୁଇହାତ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ତେବେ କୌଣସି ପ୍ରକାରେ ବିନା ଆଧାର କାର୍ଡରେ ଲକ୍ଷ୍ମୀ କେମୁଡୁ ଭତ୍ତା ପାଇବାରୁ ଯୋଗ୍ୟ ହୋଇଥିବା ବେଳେ ତାଙ୍କର ଆଧାର କାର୍ଡ ଅପଡେଟ ହୋଇ ନଥିବାରୁ ଅନ୍ୟାନ୍ୟ ସୁବିଧା ଯଥା ବିଦ୍ୟାଳୟରେ ଷ୍ଟାଇପେଣ୍ଡ ପାଇବାରୁ ବଞ୍ଚିତ ରହିଛନ୍ତି। ରାସନ କାର୍ଡରେ ମଧ୍ୟ ତାଙ୍କ ନାମ ଚଢି ନଥିବାରୁ ଚାଉଳ ଓ ଅନ୍ୟାନ୍ୟ ସୁବିଧାରୁ ମଧ୍ୟ ବଞ୍ଚିତ ଅଛନ୍ତି। ଦୁଇବର୍ଷ ହେଲା ଲକ୍ଷ୍ମୀଙ୍କ ମା ଶୁଭଦ୍ରା ଏବଂ ପିତା ନାରାୟଣ ଆଧାର କାର୍ଡ ଅପଡେଟ କରିବାକୁ ଯାଉଥିଲେ ମଧ୍ୟ ହାତର ବୁଢା ଆଙ୍ଗୁଳି ସମ୍ପୂର୍ଣ୍ଣ ଅଚଳ ହୋଇଥିବାରୁ ଆଧାର କାର୍ଡ ଅପଡେଟ ସମୟରେ ରଦ୍ଦ ହେଇଯାଇଛି। ତେବେ ଆଜି ନିଜ ଝିଅକୁ ଧରି ନାରାୟଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଇ-ଗଭର୍ଣ୍ଣଶ ଅଧିକାରୀ ସୁଭାଶିଷ ପଟ୍ଟନାୟକଙ୍କୁ ସାକ୍ଷାତ କରି ନିଜର ଗୁହାରି ଜଣାଇଥିଲେ। ସୁବାଶିଷ ଏ ନେଇ ଭୁବନେଶ୍ୱର କାର୍ଯ୍ୟାଳୟକୁ ଜଣାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ଆଧାର ଅପଡେଟ କରି ପୀଡିତାଙ୍କୁ ସାହାଯ୍ୟ କରିବାକୁ ତାଙ୍କ ପରିବାର ବର୍ଗ ଦାବି କରିଛନ୍ତି।

# କର୍ତ୍ତନପାଲ୍ଲୀ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି



ମାଥିଲି,୧୯ ।୧ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତ୍ତନପାଲ୍ଲୀ ଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମି ରଞ୍ଜନ ସେନାପତିଙ୍କ ଉପସ୍ଥିତିରେ ଏକି ଜନ ଶୁଣାଣି କାର୍ଯ୍ୟକ୍ରମରେ ୯୮ ଟି ଅଭିଯୋଗ ଗୁଡ଼ିକର ଶୁଣାଣି ହୋଇଛି। ତନ୍ମଧ୍ୟରୁ ୨୨ଟି ବ୍ୟକ୍ତିଗତ ଓ ୭୬ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ବିଭିନ୍ନ ଯୋଜନାର ସେବା ଯୋଗାଇ ଦେବା ପାଇଁ ଶିବିର ସ୍ଥାପନ କରାଯାଇଥିଲା। ଅଭିଯୋଗ ଶୁଣାଣି ପରେ ସମସ୍ତ ଅଧିକାରୀ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଯାଇ ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ମାଥିଲି ବିଡିଓ ଏମ.ପ୍ରମୋଦ କୁମାର ବେହେରା, ତହସିଲଦାର ମାନସୀ ଭୋଇ.ଏପିଓ ଲିଙ୍ଗରାଜ କରକରିଆ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ ସମେତ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଓମ୍‌ଫେଡ୍ କ୍ଷୀର ଗାଡ଼ି ଜବତ



ମାଲକାନଗିରି, ୧୯ ।୧(ସମିସ): ଜୟପୁରରୁ ଦୈନିକ ୬୦୦ ଲିଟର କ୍ଷୀର ସହ ଦହି ଛେନା ଧରି ମାଲକାନଗିରି ଆସୁଥିବା ଓମଫେଡ ଗାଡ଼ିକୁ ଆଜି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଜବତ କରାଯାଇଛି। ବାସ୍ତବ କ୍ଷେତ୍ରରେ ଏହି ଓମଫେଡ ଗାଡି କ୍ଷୀର, ଦହି, ଛେନା ପ୍ରଭୃତି ସର୍ବନିମ୍ନ ୫ ଡିଗ୍ରୀ ତାପମାତ୍ରା ରହିଥିବା ଦୁଗ୍ଧ ଶୀତଳ ଗାଡି ପରିବହନ କରିବା ନିୟମ ଥିବା ବେଳେ ବର୍ଷବର୍ଷ ଧରି ବିନା ତାପରୁଦ୍ଧ ଗାଡିରେ ଓମଫେଡ୍ ଉତ୍ପାଦନ ସାମଗ୍ରୀକୁ ବଣ୍ଟନ କରୁଥିବା ନେଇ ଅଭିଯୋଗ ହେବାପରେ ବିଭାଗ ପକ୍ଷରୁ ଆଜି ଚଢଉ କରାଯାଇଛି। ଏହି ଗାଡିଟିକୁ ଥାନାର ଜିମା ଦିଆଯାଇଛି। ସୁଶିଳା ପଣ୍ଡା ନାମକ ଜଣେ ମହିଳା ଏହି ଓମଫେଡ୍ ବିତରକ ଥିବା ବେଳେ ଡ୍ରାଇଭର ଲାଇସେନ୍ସ ମଧ୍ୟ ବୈଧ ନଥିବା ଜଣାପଡ଼ିଛି। ତେବେ ଦୀର୍ଘ ବର୍ଷ ହେଲା ଏଭଳି ବିନା ଶୀତତାପ ନିୟନ୍ତ୍ରଣ ବିହିନ ଗାଡିରେ କ୍ଷୀର ପରିବହନ ହେଉଥିବା ବେଳେ ଏହି କ୍ଷୀର ଏବଂ କ୍ଷୀରଜାତ ଦ୍ରବ୍ୟ ଗୁଡିକ ବହୁଦିନ ରହି ନ ପାରି ତୁରନ୍ତ ନଷ୍ଟ ହେଇ ଯାଉଥିବା ନେଇ ଅଭିଯୋଗ ହେବାପର ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଗାମୀ ଦିନରେ ଓମଫେଡ୍ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

# ସିବିଆରଏନ ଅଫ୍-ସାଇଟ୍ ମକ୍ ଡ୍ରିଲ୍

ରାୟଗଡ଼ା,୧୯।୧(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନଙ୍କ ନେତୃତ୍ୱରେ ଏବଂ ଏନଡିଆରଏଫ ୩ୟ ବାଟାଲିୟନ୍, ମୁଣ୍ଡଳୀ (କଟକ) ଓ ଜେକେ ପେପର ମିଲ୍ସର ସହଯୋଗରେ ଆଜି ଚାନ୍ଦିଲି ଥାନା ସମୀପସ୍ଥ ଟ୍ରକ୍ ପାର୍କିଂ ଏରିଆରେ ରାସାୟନିକ, ବିକିରଣ ଓ ପରମାଣବିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଏକ ଅଫ୍-ସାଇଟ୍ ଏମର୍ଜେନ୍ସି ମକ୍ ଡ୍ରିଲ୍ ସଫଳତାର ସହିତ ଅନୁଷ୍ଠିତ ହୋଇଛି। ଏହି ମକ୍ ଡ୍ରିଲ୍‌ର ପରିଦୃଶ୍ୟ ଥିଲା ଏକ ଟ୍ରକ୍‌ରେ ପରିବହନ କରାଯାଉଥିବା ଟନରରୁ କ୍ଲୋରିନ୍ ଗ୍ୟାସ ଲିକେଜ୍। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେକୌଣସି ଶିଳ୍ପଜନିତ ରାସାୟନିକ ଦୁର୍ଘଟଣା ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ତ୍ୱରିତ ପ୍ରତିକ୍ରିୟା, ଉଦ୍ଧାର କାର୍ଯ୍ୟ, ଚିକିତ୍ସା ସହାୟତା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ବ୍ୟବସ୍ଥାକୁ ପରୀକ୍ଷା କରିବା। ଏହି କାର୍ଯ୍ୟକ୍ରମରେ ବିନୀତ ଷଡଙ୍ଗୀ ସହାୟକ ନିର୍ଦ୍ଦେଶକ ,ଡ. ପି.କେ. ସୁବୁଦ୍ଧି , ପ୍ରଭୁଦେବ ବେହେରା ଓ ଜି.ସି. ଦାସ, ସହାୟକ ପରିବେଶ ବିଜ୍ଞାନୀ, ସୁଧାଂଶୁ ଶେଖର ସହାୟକ କମାଣ୍ଡାଣ୍ଟ , ଉତ୍ତମ କୁମାର ସାହୁ, ଆଇଆଇସି ଚାନ୍ଦିଲି ଥାନା, ସନ୍ଦୀପ ପାଣ୍ଡେ ସାଧାରଣ ପ୍ରବନ୍ଧକ , ସତ୍ୟଜିତ ମହାନ୍ତି, ସାଧାରଣ ପ୍ରବନ୍ଧକ , ସି.ଏସ୍.ଆର. ଅପ୍ପାରାଓ, ସାଧାରଣ ପ୍ରବନ୍ଧକ ଓ ସାଇଟ୍ ଇନସିଡେଣ୍ଟ ଇନ୍‌ଚାଜ , ଏସ.କେ. ଡାକୁଆ, ଡିଜିଏମ ଓ ହେଡ୍ କମ୍ପାଟ୍ ଟିମ୍, ରାମରଞ୍ଜନ ବିଶ୍ୱାଳ, ବରିଷ୍ଠ ପ୍ରବନ୍ଧକ ,ଲେଫ୍ଟନାଣ୍ଟ ଉଦୟ ନାଏକ, ଏସୋସିଏଟ୍ ଏନସିସି , କଳିଙ୍ଗ କୁମାର, ଆପାତକାଳୀନ ଅଧିକାରୀ ଓ ଉପଜିଲ୍ଲାପାଳ, ଚିତ୍ତରଞ୍ଜନ ବେହେରା, ଉପନିର୍ଦ୍ଦେଶକ ଏବଂ ଶ୍ରୀ ବିଶ୍ୱାସ ସହକାରୀ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।"ଡ୍ରିଲ୍ ସମୟରେ ଏନଡିଆରଏଫ, ପୋଲିସ, ସ୍ୱାସ୍ଥ୍ୟ, ଅଗ୍ନିଶମ ଓ ଶିଳ୍ପ ପ୍ରତିଷ୍ଠାନର ବିଭିନ୍ନ ଟିମ୍‌ମାନେ ସମନ୍ୱିତ ଭାବେ କାର୍ଯ୍ୟ କରି ଗ୍ୟାସ ଲିକେଜ୍ ନିୟନ୍ତ୍ରଣ, ଆହତଙ୍କ ଉଦ୍ଧାର ଓ ଚିକିତ୍ସା, ସହିତ ସାଧାରଣ ଲୋକଙ୍କ ସୁରକ୍ଷା ବ୍ୟବସ୍ଥାକୁ ସଫଳତାର ସହ ପ୍ରଦର୍ଶନ କରିଥିଲେ। ଏପରି ମକ୍ ଡ୍ରିଲ୍ ମାଧ୍ୟମରେ ଯେକୌଣସି ଆପାତକାଳୀନ ପରିସ୍ଥିତିକୁ ଦ୍ରୁତ ଓ ସଫଳ ଭାବେ ମୁକାବିଲା କରିବା ପାଇଁ ପ୍ରଶାସନ ଏବଂ ସମ୍ପୃକ୍ତ ସଂସ୍ଥାମାନଙ୍କର ପ୍ରସ୍ତୁତି ଆହୁରି ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଛି।

# ଗାଡ଼ି ଧକ୍କାରେ ହେଟାବାଘ ମୃତ

କାଳିମେଳା,୧୯।୧(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ରେଞ୍ଜ ଅଧୀନସ୍ଥ କାଳିମେଳା ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ଏମଭି ୭୨ ନିକଟରୁ ସୋମବାର ଭୋର୍ ସମୟରେ ହେଟା ବାଘର ମୃତଦେହ ଉଦ୍ଧାର କରାଯାଇଛି। କୌଣସି ଅଜଣା ଗାଡି ହେଟା ବାଘକୁ ଧକ୍କା ଦେବା ଯୋଗୁ ବାଘଟିର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ହେଟା ବାଘର ମର ଶରୀରରୁ ନଖ, ଲାଞ୍ଜ, ଦାନ୍ତ ଆଦି କେହି ଦୁର୍ବୃତ୍ତ କାଢି ନେଇଥିବା ସୂଚନା ମିଳିଛି। ଏନେଇ ଖବର ପାଇ କାଳିମେଳା ରେଞ୍ଜର ବିଜୟ କୁମାର ନାୟକ, ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ଏବଂ ଅନ୍ୟାନ୍ୟ କର୍ମଚାରୀ ପହଞ୍ଚି ହେଟା ବାଘର ମୃତଦେହ ଜବତ କରିବା ପରେ କାଳିମେଳା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବ୍ୟବଚ୍ଛେଦ କରିଥିବା ଜଣାପଡିଛି। ଏହା ଅଣ୍ଡିରା ବାଘ ହୋଇଥିବା ବେଳେ ଏହାର ବୟସ ପ୍ରାୟ ୫ ବର୍ଷ ଏବଂ ଉଚ୍ଚତା ସାଢେ ତିନି ଫୁଟ ହେବ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ହେଟାକୁ ନେଇ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ମାଓଡମ୍ପରୁ ବିପୁଳ ପରିମାଣର ବିଜିଏଲ ଜବତ



ମାଲକାନଗିରି, ୧୯ ।୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ନାରାୟଣପୁର ଜିଲ୍ଲାରେ ଜବାନ ମାନେ କୁମ୍ବିଂ ଅପରେସନ ସମୟରେ ଏକ ମାଓ ଡମ୍ପ ଜବତ ହୋଇଛି। ସୂଚନା ଅନୁଯାୟୀ ନାରାୟପୁର ଜିଲ୍ଲା ଆବୁଝମାଡ ଜଙ୍ଗଲ ଅନ୍ତର୍ଗତ ଆଦିଙ୍ଗପାର, କୁମେରାଦି ଅଞ୍ଚଳର ସୁରକ୍ଷା କର୍ମୀମାନେ କୁମ୍ବିଂ ଅପରେସନ କରୁଥିବା ସମୟରେ ଜଙ୍ଗଲ ମଧ୍ୟରେ ଗୋଟିଏ ସ୍ଥାନରେ ଲୁଚାଇ ରଖିଥିବା ଏକ ମାଓ ଡମ୍ପ ଠାବ କରିଥିଲେ। ଉକ୍ତ ଡମ୍ପକୁ ଜବତ କରିବା ସହ ଡମ୍ପ୍ ମଧ୍ୟରୁ ୮୨ଟି ବିଜିଏଲ ଜବତ କରିଛନ୍ତି। ଏହି ବିଜିଏଲ ଗୁଡିକୁ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ମାଓବାଦୀ ମାନେ ଲୁଚାଇ ରଖିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

### ● ଯାଦବ ମାଝୀ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା

# ଫାଇନାଲ୍‌ରେ ଦୁର୍ଯ୍ୟ ଏକାଦଶ




ଚନ୍ଦାହାଣ୍ଡି,୧୯।୧(ସମିସ), ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିଅମ ଠାରେ ପୂର୍ବତନ ଶିକ୍ଷରାଷ୍ଟ୍ର ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତିରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୬ତମ ଯାଦବ ମାଝୀ ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତାରେ ବଲାଙ୍ଗୀର ଏମଏସଟି ଦଳକୁ ୧୨ ରନରେ ହରାଇ ଦୁର୍ଯ୍ୟ ଏକାଦଶ ଫାଇନାଲରେ ପହଞ୍ଚିଛି। ଆଜି ପ୍ରଥମ ସେମି ଫାଇନାଲ ମ୍ୟାଚରେ ଦୁର୍ଯ୍ୟ ଏକାଦଶ ଉମରକୋଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ କେବଳ ୧୧୫ ରନ ସଂଗ୍ରହ କରି ଅଲ ଆଉଟ ହେଇଯାଇଥିଲା। ୧୧୬ ରନର ବିଜୟ ଲକ୍ଷ୍ୟକୁ ବଲାଙ୍ଗୀର ଦଳ ପିଛାକରି କାହ୍ନୁ ବେହେରାଙ୍କ ୨୫ ଓ ପୌରଷ ମାଝୀଙ୍କ ୨୨ ସଂଘର୍ଷପୂର୍ଣ୍ଣ ରନ ସଂଗ୍ରହ ସତ୍ତ୍ୱେ ମାତ୍ର ୧୦୩ ରନ କରିବାରେ ସମର୍ଥ ହୋଇଥିଲା। ୧୨ ରନର ବିଜୟସହ ଦୁର୍ଯ୍ୟ ଏକାଦଶ ଫାଇନାଲରେ ପହଞ୍ଚିଛି। ଆଜିର ମ୍ୟାଚରେ ଚନ୍ଦାହାଣ୍ଡି ଥାନା ଅଧିକାରୀ ଯୁଗଳ କିଶୋର ସା ଓ କନେଷ୍ଟବଲ ଲୋକନାଥ ବଛାର ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚରେ ଚମତ୍କାର ବୋଲିଂ କରିଥିବା ଦୁର୍ଯ୍ୟ ଏକାଦଶ ଦଳର ବବି ଠାକୁରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚରେ ଆମ୍ପାୟାର ଭାବେ ପବିତ୍ର ନାୟକ ଓ ପ୍ରମୋଦ କୁମାର ସାହୁ, ଭାଷ୍ୟକାର ଭାବେ ଥବିର ଦୀପ ଓ ଗୋସିଙ୍ଗ ପ୍ରଧାନ, ସ୍କୋରର ଭାବେ ରାକେଶ ପଟ୍ଟନାୟକ,ମାନସ ନାୟକ, ଗୁପ୍ତେଶ୍ୱର ମାଝୀ ଦାୟିତ୍ୱ ତୁଲାଇଥିଲେ। ପରମେଶ୍ୱର ମାଝୀ, ଦିଲ୍ଲୀପ ନାୟକ, ପ୍ରତାପ ଗୌଡ଼, ରତ୍ନାକର ପୋଟା, କନ୍ଦର୍ପ ନାୟକ, କାଳିଆ, ବିକାଶ, ଲିପୁନ୍, ଓମ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେମି ଫାଇନାଲ ମ୍ୟାଚ ଦେଖିବାକୁ ୧୦ ହଜାରରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥିଲା।

# ଏମ୍‌ଭି ୨୬ ଗ୍ରାମର ପୀଡ଼ିତଙ୍କୁ ପୂର୍ବତନ ମନ୍ତ୍ରୀଙ୍କ ସହାୟତା



ମାଲକାନଗିରି, ୧୯ ।୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ରାଖାଲଗୁଡା ଗ୍ରାମର ଆଦିବାସୀ ମହିଳାଙ୍କ ମୁଣ୍ଡକାଟି ହତ୍ୟାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ଏବଂ ଏମ୍. ଭି. ୨୬ ଗ୍ରାମରେ ପଡାଜଳା କରା ଯାଇ ଉତେଜନା ମୁଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।। ପରବର୍ତୀ ଅବସ୍ଥାରେ ପୁଲିସ ଏ ନେଇ ୧୮ ଜଣଙ୍କୁ ଗିରଫ କରାଯାଇଥିଲ।। ଏହି ଘଟଣାରେ ମାଲକାନଗିରିର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରବନ୍ଦ ଢାଲି ଏମ୍‌ଭି ୨୬ ଗ୍ରାମରେ ପହଞ୍ଚି ପୀଡ଼ିତା ପରିବାରକୁ ୧ ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରିବା ସହ ମୃତ ମହିଳା ଲାକେ ପଡିଆମିଙ୍କ ପୁଅ ରବି ପଡିଆମିଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମୃତ ମହିଳାଙ୍କ ହତ୍ୟା ଘଟଣାର ତୁରନ୍ତ ସିବିଆଇ ତଦନ୍ତ ଦାବି କରିବା ସହ ଆଗାମୀ ଦିନରେ ଯେଭଳି କୌଣସି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ନ ହୁଏ, ସେଥିପ୍ରତି ପୁଲିସ ପ୍ରଶାସନ ଓ ସାଧାରଣ ଜନତା ଏକତ୍ରିତ ହୋଇ ରହିବାକୁ ପରାମର୍ଶ ଦେଇଛନ୍ତି।

# ମିଟ୍ସରେ କୃତ୍ରିମ ବୁଦ୍ଧିମତ୍ତା ସୁରକ୍ଷା ସମ୍ମିଳନୀ ଉଦ୍‌ଘାଟିତ




ରାୟଗଡ଼ା,୧୯।୧(ସମିସ): ମଝିଘରିଆଣୀ ଇନଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ), ରାୟଗଡାରେ ଆଜି କୃତ୍ରିମ ବୁଦ୍ଧିମତ୍ତା ସୁରକ୍ଷା, ନୀତି ଓ ବିଶ୍ୱସନୀୟତା ଉପରେ ଜାତୀୟ ସମ୍ମିଳନୀ -୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମିଳନରେ ଏଆଇ ଇମ୍ପାକ୍ଟ ସମ୍ମିଟ ଇଣ୍ଡିଆ -୨୦୨୬ର ଏକ ପ୍ରି-ସମିଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ମେଳନର ଉଦ୍‌ଘାଟନ ପ୍ରଫେସର ବିଭୁଦତ୍ତ ସାହୁ, ପ୍ରଫେସର ଓ ହେଡ୍, ସିଏସଇ, ଏନଆଇଟି ରାଉରକେଲା ଓ ସଞ୍ଜୟ କୁମାର ପାଢ଼ୀ, ସାଇବର୍ ଇଣ୍ଟେଲିଜେନ୍ସ ଓ ଡିଜିଟାଲ୍ ଫରେନ୍ସିକ୍ସ ବିଶେଷଜ୍ଞଙ୍କ ଦ୍ୱାରା ସଂଯୁକ୍ତ ଭାବେ କରାଯାଇଥିଲା। ଏହି ଅବସରରେ ବିଶ୍ୱଜିତ୍ ପାଣ୍ଡା, ଉପାଧ୍ୟକ୍ଷ, ମିଟ୍ସ ଗ୍ରୁପ୍, ଡ଼. ସି ଭି. ଗୋପୀନାଥ, ନିର୍ଦ୍ଦେଶକ, ମିଟ୍ସ ରାୟଗଡା ଏବଂ ପ୍ରୋଫେସର ରାମାନୁଜ ନାୟକ, ପ୍ରଧାନାଚାର୍ଯ୍ୟ, ମିଟ୍ସ ରାୟଗଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ପଣ୍ଡା ସ୍ୱାଗତ ଭାଷଣ ଦେଇ କୃତ୍ରିମ ବୁଦ୍ଧିମତ୍ତାର ସୁରକ୍ଷା, ନୀତି ଓ ଦାୟିତ୍ୱଶୀଳ ବ୍ୟବହାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରେ ଡ଼. ସି.ଭି. ଗୋପୀନାଥ, ଡ଼. ଶାନ୍ତନୁ ମହାନ୍ତି, ଡିନ ଓ ପ୍ରଫେସର ରାମାନୁଜ ନାୟକ ତାଙ୍କର ଉଦ୍‌ବୋଧନ ମାଧ୍ୟମରେ ଦାୟିତ୍ୱଶୀଳ ଗବେଷଣା ପ୍ରତି ମିଟ୍ସର ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥିଲେ। ସୁଶ୍ରୀ ଅନୁପମା ନାୟକ, କନ୍‌ଭିନର, ସମ୍ମେଳନ ରିପୋର୍ଟ ପ୍ରସ୍ତୁତ କରି ସମ୍ମେଳନର ଉଦ୍ଦେଶ୍ୟ, ବିଷୟବସ୍ତୁ ଓ ଜାତୀୟ ଗୁରୁତ୍ୱକୁ ବ୍ୟାଖ୍ୟା କରିଥିଲେ। ଆମନ୍ତ୍ରିତ ଅତିଥିମାନଙ୍କୁ ପରିଚାଳନା ପକ୍ଷରୁ ସମ୍ମାନିତ କରାଯାଇଥିଲା। ପାୱନ୍ କୁମାର, ସହ-କନଭିନର, ଧନ୍ୟବାଦ ଜ୍ଞାପନ କରିଥିଲେ। ଉଦ୍‌ଘାଟନ ଦିନରେ ସଞ୍ଜୟ କୁମାର ପାଢ଼ୀ ଓ ପ୍ରୋଫେସର ବିଭୁଦତ୍ତ ସାହୁ ମୁଖ୍ୟ ବ୍ୟାଖ୍ୟାନ ଦେଇ ଏଆଇ ସୁରକ୍ଷା, ସାଇବର୍ ଇଣ୍ଟେଲିଜେନ୍ସ ଓ ବିଶ୍ୱସନୀୟ ଏଆଇ ପ୍ରଣାଳୀ ସମ୍ପର୍କୀତ ଆଧୁନିକ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରିଥିଲେ। ନୋଇଡା, ପୁନେ, ଆଇଆଇଟି (ଭୁ ) ଏଲାଇନ୍ସ ୟୁନେଭର୍ସିଟି, ବାଙ୍ଗାଲୋର ସହିତ ଦେଶର ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାରୁ ଆସିଥିବା ପ୍ରଖ୍ୟାତ ପ୍ରଫେସର ଓ ବିଶେଷଜ୍ଞ ମାନେ ତାଙ୍କର ଗବେଷଣା ପ୍ରସ୍ତୁତି ଓ ଅଭିଜ୍ଞତା ସେୟାର କରିଥିଲେ। ଏହି ଜାତୀୟ ସମ୍ମିଳନୀ ଆସନ୍ତା ୧୯ ରୁ ୨୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ଏହା ଶିକ୍ଷାବିଦ, ଗବେଷକ, ଶିଳ୍ପ ବିଶେଷଜ୍ଞ ଓ ନୀତିନିର୍ମାତାଙ୍କ ପାଇଁ ସୁରକ୍ଷିତ, ନୀତିମୂଳକ ଓ ବିଶ୍ୱସନୀୟ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋଚନାର ଏକ ମହତ୍ୱପୂର୍ଣ୍ଣ ଜାତୀୟ ମଞ୍ଚ ପ୍ରଦାନ କରୁଛି ବୋଲି ଉପାଧ୍ୟକ୍ଷ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି

# ବନ୍ଦେ ମାତରମ୍ ସାମୂହିକ ଗାନ



ପଦ୍ମପୁର,୧୯।୧(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଠାରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ଠାରେ ସାମୂହିକ ଗାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର ,ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନି ସଭାପତି ,ଓ ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ସାହୁ ଉପାଧ୍ୟକ୍ଷ , ହୃଷୀକେଶ ରଥ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ତେମ୍ବାଗୁଡ଼ା ସରପଞ୍ଚ ସିଧେଶ୍ୱରି ଶବର ଯୋଗ ଦେଇଥିଲେ। ଏହି ଗୀତର ଦୁଇଜଣ ଦକ୍ଷ ପ୍ରଶିକ୍ଷକ ମନୋଜ କୁମାର ଜେନା ଓ ଶ୍ରୀପତି ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସିଗ୍ଧାମୟୀ ବାରିକ, କ୍ରାନ୍ତି କୁମାର ପାଢ଼ୀ , ଅର୍ଚ୍ଚନା ପଣ୍ଡା, ଆମର ଶବର, ପ୍ରଭାତ କୁମାର ଶବର, ଜଗନ୍ ମୋହନ୍, ଅଦିତ୍ୟ ମିଶ୍ର ଓ ମଞ୍ଚପରିଚାଳନାରେ ଚିତ ରଞ୍ଜନ ସେନାପତି ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ସ୍କୁଲର ୩୦୦ରୁ ଅଧିକ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀମତୀ ସ୍ନିଗ୍ଧାମୟୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

